# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 03rd February - 2025

************************************

***Desk***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତାରାଶି ପାଇବାପାଇଁ ବ୍ୟାଙ୍କ୍‌ର ଏନ୍‌.ପି.ସି.ଆଇ. ଯାଞ୍ଚ୍‌ କରିବାକୁ ହିତାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ଆଜି ଏବଂ ଆସନ୍ତାକାଲି ଦୁଇଦିନ ଧରି ବ୍ୟାଙ୍କ୍‌ର ଯାଞ୍ଚ୍‌ ପ୍ରକ୍ରିୟା କରାଯାଇପାରିବ । ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ଆସନ୍ତା ୮ ତାରିଖ ଦିନ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପର୍ଯ୍ୟାୟରେ ଯାଜପୁର ଜିଲ୍ଲାରୁ ସୁଭଦ୍ରା ସହାୟତାରାଶି ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହେବ।

***Voice*** :........

***Desk***

## ମହାକୁମ୍ଭ - ଅମୃତ ସ୍ନାନ

ପ୍ରୟାଗରାଜ ମହାକୁମ୍ଭ ମେଳାରେ ଆଜି ତୃତୀୟ ଅମୃତସ୍ନାନ ଚାଲିଛି । ମହାନିର୍ବାଣି ପଞ୍ଚାୟତି ଆଖଡ଼ା ଏବଂ ଶମ୍ଭୁ ପଞ୍ଚାୟତି ଅଟଳ ଆଖଡ଼ା ପ୍ରଥମେ

ତ୍ରିବେଣୀ ସଙ୍ଗମଠାରେ ସାହି ସ୍ନାନ କରିଛନ୍ତି । ପ୍ରଥମ ଦୁଇଟି ଅମୃତସ୍ନାନ ଗତମାସ ୧୪ ତାରିଖ ମକର ସଂକ୍ରାନ୍ତି ଏବଂ ଗତ ୨୯ ତାରିଖ ମଉନି ଅମାବାସ୍ୟାଦିନ ଅନୁଷ୍ଠିତ ହୋଇଥିଲା ।

***Puri/R***

## ରଥକାଠ ଅନୁକୂଳ

ଆଗାମୀ ରଥଯାତ୍ରା ପାଇଁ ପୁରୀ ରଥଖଳାକୁ ବିଧି ମୁତାବକ ଗତକାଲି ରଥକାଠ ଅନୁକୂଳ ହୋଇଯାଇଛି । ୩ଟି ୧୨ଫୁଟିଆ ଧଉରା କାଠର ପୂଜା କରାଯାଇଛି । ରାମନବମୀରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ପର୍ଯ୍ୟାୟକ୍ରମେ ରଥଖଳାକୁ ଆବଶ୍ୟକ କାଠ ଆସି ପହଞ୍ଚିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

## ବିମାନସେବା

ଝାରସୁଗୁଡ଼ା ବିମାନ ବନ୍ଦରରୁ ରାୟପୁର ଏବଂ ଲକ୍ଷ୍ନୌକୁ ଗତକାଲିଠାରୁ ବିମାନ ସେବା ଆରମ୍ଭ ହୋଇଛି । ଷ୍ଟାର ଏୟାର୍ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସେବା ସପ୍ତାହକୁ ୩ ଦିନ ସୋମବାର, ବୁଧବାର ଏବଂ ରବିବାର ଦିନ ରାୟପୁର-ଝାରସୁଗୁଡ଼ା ମଧ୍ୟରେ ବିମାନ ଉଡ଼ାଣ କରିବ । ପୂର୍ବରୁ

ଝାରସୁଗୁଡ଼ା-ହାଇଦ୍ରାବାଦ ମଧ୍ୟରେ ଏହି ସଂସ୍ଥା ପକ୍ଷରୁ ବିମାନ ସେବା ଆରମ୍ଭ ହୋଇଥିଲା ।

***Desk***

# ଜେ.ଇ.ଇ. ମେନ୍-୨

ବୈଷୟିକ ଶିକ୍ଷା କ୍ଷେତ୍ରରେ ନାମଲେଖାପାଇଁ ହେବାକୁ ଥିବା ଯୁଗ୍ମ ପ୍ରବେଶିକା ପରୀକ୍ଷା - ଜେ.ଇ.ଇ. ମେନ୍-୨ ଏପ୍ରିଲ୍ ୧ରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଏଥିପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି । ଆସନ୍ତା ୨୫ ତାରିଖ ଆବେଦନ କରିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ଜେ.ଇ.ଇ. ପ୍ରଥମ ମେନ୍ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଶିକ୍ଷାର୍ଥୀ ପୂର୍ବ ଆଦେବନ ନମ୍ବର ଏବଂ ପାସ୍‌ୱାର୍ଡ଼ ବ୍ୟବହାର କରି ମେନ୍-୨ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ବୋଲି ଏନ୍.ଟି.ଏ. ପକ୍ଷରୁ ସୂଚନା ଦିଆଯାଇଛି ।

***Bolangir/R***

# ତୋଷାଳୀ ମହୋତ୍ସବ

ବଲାଙ୍ଗିର ଜିଲ୍ଲା ତୁଷୁରାଠାରେ ଚାଲିଥିବା ତୋଷାଳୀଗଡ଼ ଚତୁର୍ଥ ତୋଷାଳୀ ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ଆଞ୍ଚଳିକ କଳା ସଂସ୍କୃତିରେ ପ୍ରଚାର ଏବଂ ପ୍ରସାର ଦିଗରେ ଏହି ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ

ଭୂମିକା ଗ୍ରହଣ କରିଥାଏ ବୋଲି କହିଛନ୍ତି । ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ନବୀନ ଜୈନ ଯୋଗ ଦେଇଥିଲେ ।

***Desk***

# ମାଘ ବୁଡ଼

ମାଘ ସପ୍ତମୀ ଅବସରରେ ଆସନ୍ତାକାଲି କୋଣାର୍କ ନିକଟ ଚନ୍ଦ୍ରଭାଗା ପୁଷ୍କରିଣୀରେ ମାଘ ବୁଡ଼ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୁଡ଼ ସ୍ଥାନ ଓ ସମୁଦ୍ର କୂଳରେ ଲାଇଫ୍‌ଗାର୍ଡ ମୁତୟନ କରାଯିବା ସହ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରମ୍ପରା ଅନୁଯାୟୀ, ମାଧିପୁରର ଶ୍ରୀତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁରର ଶ୍ରୀଐଶ୍ୱାନ୍ୟଶ୍ୱର ମହାଦେବ ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ମହାଦେବ, ସପ୍ତମୀଦିନ ବଡିଭୋରବେଳେ ଚନ୍ଦ୍ରଭାଗା ତୀର୍ଥରେ ମହାସ୍ନାନ କରିବେ। ଏହାପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ।

***Desk***

# ଜାତୀୟ କ୍ରୀଡ଼ା ପ୍ରତିଯୋଗିତା

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସନ୍ତରଣରେ ଓଡ଼ିଶାର ପ୍ରତ୍ୟାଶା ବ୍ୟକ୍ତିଗତ ଦ୍ୱିତୀୟ ପଦକ ହାସଲ କରିଛନ୍ତି । ମହିଳା ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍ ବିଭାଗରେ ପ୍ରତ୍ୟାଶା ବ୍ରୋଞ୍ଜ୍ ପଦକ ହାସଲ

କରିଛନ୍ତି । ପୂର୍ବରୁ ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍ ବିଭାଗରେ ପ୍ରତ୍ୟାଶା ପ୍ରଥମ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ ।

ଅନ୍ୟପକ୍ଷରେ ମହିଳା ଫୁଟ୍‌ବଲ୍ ପ୍ରତିଯୋଗିତାରେ ସେମିଫାଇନାଲ୍ ପର୍ଯ୍ୟାୟକୁ ଓଡ଼ିଶା ଉନ୍ନୀତ ହୋଇଛି । ଗ୍ରୁପ୍ ପର୍ଯ୍ୟାୟର ଗତକାଲି ଓଡ଼ିଶା ସିକ୍କିମ୍‌କୁ ପରାସ୍ତ କରି ଏହି ସଫଳତା ପାଇଛି । ଆସନ୍ତାକାଲି ସେମିଫାଇନାଲ୍‌ରେ ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ ମୁକାବିଲା ହେବ ।

***Desk***

# ଆଇ.ଏସ୍.ଏଲ୍.

ଇଣ୍ଡିଆନ୍ ସୁପର୍‌ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ଆଜି ଓଡ଼ିଶା ଏଫ୍.ସି. ଏବଂ ନର୍ଥ-ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ମଧ୍ୟରେ ମ୍ୟାଚ୍ ଖେଳାଯିବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଗୌହାଟୀଠାରେ ଖେଳାଯାଇଥିବା ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ରେ ନର୍ଥ-ଇଷ୍ଟ ୟୁନାଇଟେଡ୍ ଓଡ଼ିଶ ଏଫ୍.ସି.କୁ ୩-୨ ଗୋଲ୍‌ରେ ପରାସ୍ତ କରିଥିଲା ।

***Desk***

# ପାଣିପାଗ

ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି । ଦିନ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଉର୍ଦ୍ଧ୍ୱରେ ଥିବା ଜଣାପଡ଼ିଛି । ଆଞ୍ଚଳିକ

ପାଣିପାଗ ବିଜ୍ଞାନ କେନ୍ଦ୍ର ଦେଇଥିବା ସୂଚନା ଅନୁଯାୟୀ ରାତି ତାପମାତ୍ରା ମଧ୍ୟ ୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଆଗାମୀ ୫ ଦିନ ମଧ୍ୟରେ ଉପକୂଳ ଓଡ଼ିଶାର ରାତି ତାପମାତ୍ରା ୨୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ତେବେ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ କୁହୁଡ଼ିର ପ୍ରଭାବ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।

*****